



# ତାଳଦଣ୍ଡା ରାସ୍ତା ପାର୍ଶ୍ୱରେ ଅଘୋଷିତ ପରିବା ମଣ୍ଡି

କଟକ,୨୪।୨(ସମିସ):

ହାଇକୋର୍ଟଙ୍କ କଡ଼ା ତାଗିଦା ପରେ ବି ନବନିର୍ମିତ ତାଳଦଣ୍ଡା କେନାଲ ରାସ୍ତା କଡରେ ବେଆଇନ ପାର୍କିଂ ଉପରେ ଲଗାମ ଲାଗିପାରୁନି। ଗୋଟିଏ ପଟରେ କେନାଲର ଉଭୟ ପାଶ୍ୱର୍ ରାସ୍ତା ସମ୍ପ୍ରସାରଣ ହୋଇ ପ୍ରସ୍ତାବିତ ବିଶ୍ୱସ୍ତରୀୟ ଏମ୍ସ ପ୍ଲସ ହସ୍ପିଟାଲ ଏସସିବିକୁ ସହଜରେ ଆମ୍ବୁଲାନ୍ସ ଓ ଯାନବାହନ ଯାତାୟତ ପାଇଁ ସୁବିଧା କରାଯାଇଥିଲା। ଏପରିକି ପୂର୍ବରୁ ଛତ୍ରବଜାର ବ୍ୟବସାୟୀଙ୍କ ପାଇଁ ନୂତନ ଭାବେ ଅର୍ବାନ ହାଟ କରାଯାଇଥିଲେ ବି ଏବେ ମାତୃଭବନରୁ ମାଲଗୋଦାମ ପର୍ଯ୍ୟନ୍ତ ପ୍ରତିଦିନ ପରିବା ବେପାରୀମାନେ ସେମାନଙ୍କ ପସରା ଖୋଲୁଥିବା ଦେଖିବାକୁ ମିଳୁଛି। ଫଳରେ ଏହି ରାସ୍ତାରେ ସକାଳ ଓ ସଂଧ୍ୟାରେ ନାହିଁ ନ ଥିବା ଟ୍ରାଫିକ ଭିଡ ସୃଷ୍ଟି ହେଉଛି। ଲୋକେ ରାସ୍ତା ଉପରେ ଗାଡି ରଖି ପନିପରିବା କିଣୁଥିବାରୁ ଏଭଳି ସ୍ଥିତି ଉପୁଜୁଛି। ସେହିଭଳି ଅର୍ବାନ ହାଟରେ ପିଣ୍ଡି ଖାଲି ପଡୁଥିଲା ବେଳେ ରାସ୍ତା କଡରେ ଏମାନଙ୍କୁ କିଏ ଅନୁମତି ଦେଉଛି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟରେ ଏହି ପରିବା ବିକାଳିଙ୍କ ଠାରୁ ଦୈନିକ ବଟି ଆକାରରେ ଅର୍ଥ ଆଦାୟ ଚାଲିଥିବାର ଅଭିଯୋଗ ହେଉଛି। ଏହି ଟଙ୍କା କିଏ ଓ କାହିଁକି ଆଦାୟ କରୁଛି ଏବଂ ଏଠାରେ ପରିବା ବିକାଳିଙ୍କୁ ବସିବା ପାଇଁ କିଏ ଅନୁମତି ଦେଇଛି ତାହା ତଦନ୍ତ ସାପେକ୍ଷ। ପ୍ରଥମେ ହାତଗଣତି କିଛି ପରିବା ବେପାରୀ ବସୁଥିବା ବେଳେ ଏବେ ରାସ୍ତାର ଉଭୟ ପାଶ୍ୱର୍ରେ ୫୦ରୁ ଅଧିକ ବେପାରୀ ବସିଲେଣି। ତାଳଦଣ୍ଡା କେନାଲ ରାସ୍ତାକୁ

- ପାଳନ ହେଉନି ହାଇକୋର୍ଟଙ୍କ ନିର୍ଦ୍ଦେଶ
- ପୁଲିସ-ପ୍ରଶାସନ ନିରବଦ୍ରଷ୍ଟା
- ବେପାରୀଙ୍କଠାରୁ ବଟି ଆଦାୟ

ବେଆଇନ ପାର୍କିଂରୁ ମୁକ୍ତ ରଖିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପୁଲିସ ପ୍ରଶାସନ ପାଳନ ନ କରିବା ନେଇ ସାଧାରଣରେ ପ୍ରଶ୍ନ ଉଠିଛି। କେବଳ ଏହି ସ୍ଥାନ ନୁହେଁ ଏପରିକି ଅର୍ବାନ ହାଟ ସମ୍ମୁଖରେ ବେଆଇନ ପାର୍କିଂ ଓ ଉଠାଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ରହିଥିଲା। କିଛି ଦିନ ପୁଲିସ ତତ୍ପରତା ପ୍ରକାଶ କରି ବେଆଇନ ପାର୍କିଂ ବିରୋଧରେ



ଜରିମାନା ଆଦାୟ କରିଥିଲା। ଯଦିଓ ଏଠାରେ ପାର୍କିଂ ସ୍ଥଳ କରାଯାଇଛି ତାହା ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଉଛି। ଚାରିଚକିଆ ଯାନବାହାନ ଗୁଡିକ ପାର୍କିଂ ପାଇଁ ବେଶୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖାଲି ତାଳଦଣ୍ଡା କେନାଲ ରାସ୍ତା କାହିଁକି ସହରର ପ୍ରମୁଖ ସ୍ଥାନରେ ବେଆଇନ ରାସ୍ତା ପାଶ୍ୱର୍ ପାର୍କିଂ ପୁଲିସ ପାଇଁ ଚିନ୍ତାର କାରଣ ହେଲାଣି। ସହରରେ ଗତ ୨୦୨୫ ଜାନୁଆରୀ ପହିଲାରୁ ଏବେ ସୁଦ୍ଧା ୯ ହଜାରରୁ ଅଧିକ ଗାଡିର ବେଆଇନ ପାର୍କିଂ ପାଇଁ ଚାଲାଣ କଟିଛି। ଏଥିପାଇଁ ଉଲ୍ଲଘଂନକାରୀଙ୍କ ଠାରୁ ୫୦ଲକ୍ଷ ଟଙ୍କା ଜରିମାନା ଆଦାୟ ପାଇଁ ନୋଟିସ ହୋଇଛି। ତାଳଦଣ୍ଡା କେନାଲ ପାଶ୍ୱର୍ ବେଆଇନ ପାର୍କିଂ ପାଇଁ ୩ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ସହରରେ ଦୈନନ୍ଦିନ ୪ ହଜାର ଅଟୋରିକ୍ସା ଓ ୧୦ହଜାରରୁ ଅଧିକ ଚାରିଚକିଆ ଯାନ ଚଳାଚଳ କରୁଛି। ହେଲେ ଏଗୁଡିକ ପାଇଁ ରହିଥିବା ପାର୍କିଂ ସୁବିଧା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ପର୍ଯ୍ୟାପ୍ତ ପାର୍କିଂ ଭିତ୍ତିଭୂମିର ଅଭାବ ଓ ଉଠାଦୋକାନୀଙ୍କ ଜବରଦଖଲ ହେତୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି।

# ୧୧ ଲକ୍ଷର ନିଶାଦ୍ରବ୍ୟ ଜବତ; ଯୁବକ ଗିରଫ

କଟକ,୨୪।୨(ସମିସ): ଜଣେ ପେସାଦାର ନିଶା ବେପାରୀକୁ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଗିରଫ କରିଛି। ଅଭିଯୁକ୍ତ ହେଉଛି ମଧୁପାଟଣା ଥାନା ଅଞ୍ଚଳର ଲକ୍ଷ୍ମୀଧର ସାହୁ(୨୦)। ତା' ପାଖରୁ ୧୧୬ ଗ୍ରାମର ବ୍ରାଉନସୁଗର ଜବତ ହୋଇଛି। ମଙ୍ଗଳବାର ଦିନ ସମୟରେ ସତୀଚୌରା ଅଞ୍ଚଳରେ ବଡ ଧରଣର ନିଶା ଦେଣନେଣ ହେବା ନେଇ ସୂଚନା ମିଳିଥିଲା। ଏହାପରେ ଫ୍ଲାଇଂ ସ୍କ୍ୱାଡ ତୁରନ୍ତ ସତୀଚୌରା ଟ୍ରାଫିକ ଛକ ନିକଟରେ ଚଢଉ କରିଥିଲା। ଏହି ସମୟରେ ଗ୍ରାହକ ଅପେକ୍ଷାରେ ଥିବା ଅଭିଯୁକ୍ତ ଲକ୍ଷ୍ମୀଧର ଅବକାରୀ ଟିମକୁ ଦେଖି ଦୌଡି ଖସିଯିବାକୁ ଉଦ୍ୟମ କରିଥିଲା। ତାକୁ ଧରି ଯାଞ୍ଚ କରିବାରୁ ଗୋଟିଏ ପ୍ୟାକେଟରେ ୧୧୬ ଗ୍ରାମ ଓଜନର ବ୍ରାଉନସୁଗର ମିଳିଥିଲା। ଯାହାର ବଜାର ମୂଲ୍ୟ ପ୍ରାୟ ୧୧ ଲକ୍ଷ ୬୦ ହଜାର ଟଙ୍କା ହେବ। ସେ ବାଲେଶ୍ୱର, ଜଳେଶ୍ୱର ଅଞ୍ଚଳରୁ ନିଶାଦ୍ରବ୍ୟ ଆଣି କଟକ ସହର ଓ ଆଖପାଖ ଅଞ୍ଚଳରେ କାରବାର କରୁଥିବା ତଦନ୍ତରୁ ଜଣାପଡିଛି। କୋର୍ଟ ଚାଲାଣ ପରେ ତାକୁ ଜେଲ ପଠାଇ ଦିଆଯାଇଛି। ଏସଆଇ ଏସକେ. ସାକିର ଉଲ୍ଲା, ଅମିତ କୁମାର ବିଶ୍ୱାଳ, ଏଏସଆଇ ଏଆର. ମଲ୍ଲିକ, ଏକେ. ଖଟୁଆ, କର୍ଣ୍ଣ ଓରାମ, କନଷ୍ଟେବଳ ଦିଲଜୀତ ଦାସ, ସସ୍ମିତା ସାହୁ, ଜଗନ୍ନାଥ ସାହୁ, ସୁମିତ କୁମାର ନାୟକ, ରଞ୍ଜିତ ସାହୁ ପ୍ରମୁଖ ଚଢଉରେ ସାମିଲ ଥିଲେ।

# ଚିନ୍ମୟ ଅମ୍ରିତ ମହୋତ୍ସବ ଶ୍ରୀ ହନୁମତ୍ ଉଦ୍‌ଘାଟିତ



କଟକ,୨୪।୨(ସମିସ): ଚିନ୍ମୟ ଅମ୍ରିତ ମହୋତ୍ସବ ଶ୍ରୀ ହନୁମତ୍ ଉଦଘାଟିତ ହୋଇଯାଇଛି। ଉଦଘାଟକ ଭାବେ ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଯୋଗଦେଇ ତାଙ୍କ କରକମଳରେ ଏହାକୁ ଉଦଘାଟିତ କରିଥିଲେ। ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦିବ୍ୟ ଜୀବନ ସଂଘ ଋଷିକେଶ ପୂଜ୍ୟ ସ୍ୱାମୀ ଅଦ୍ୱୈତ ନନ୍ଦ ମହାରାଜା ଯୋଗଦେଇଥିଲେ। ଏହି ଅମ୍ରିତ ମହୋତ୍ସବରେ ଚିନ୍ମୟ ମିଶନର ମୁଖ୍ୟ ସ୍ୱାମୀ ସ୍ୱରୂପାନନ୍ଦ ମହାରାଜା ଆଜି ଠାରୁ ପ୍ରତିଦିନ ସଙ୍କଟମୋଚନ ହନୁମାନ ଅଷ୍ଟକମ୍ ଉପରେ ହିନ୍ଦୀ ଭାଷାରେ ସନ୍ଧ୍ୟାରୁ ୮ଟା ୩୦ମି ପର୍ଯ୍ୟନ୍ତ ପ୍ରବଚନ ଦେବେ। ଆଜି ସନ୍ଧ୍ୟାରେ ପ୍ରବଚକ ଭାବେ ସ୍ୱରୂପାନନ୍ଦ ସରସ୍ୱତୀ ପ୍ରବଚନ ଦେଇ ଶ୍ରଦ୍ଧାଳୁଙ୍କୁ ଆତ୍ମସନ୍ତୋଷ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ମୁଖ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଫେବୃଆରୀ ୨୫ରୁ ୨୮ ତାରିଖ ଗୀତା ପଞ୍ଚାମୃତ ଉପରେ ଓଡ଼ିଆ ଭାଷାରେ ପ୍ରବଚନ ଦେବେ। ଆଜିର ଉଦଘାଟନୀ ସଂଧ୍ୟାରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା।



## ● କ୍ୟାମ୍ପସ୍‌ରେ ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ଘଟଣା

# ରେଭେନ୍ସାର ୨ ଛାତ୍ର ଗିରଫ

କଟକ,୨୪।୨(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୨ ଗୋଷ୍ଠୀ ମୁହାଁମୁହିଁ ଘଟଣାରେ ମାଲଗୋଦାମ ଥାନା ପୁଲିସ ଆଜି ଦୁଇ ଛାତ୍ରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଇଷ୍ଟ ହଷ୍ଟେଲରେ ରହୁଥିବା ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ର କେନ୍ଦୁଝର ଜିଲ୍ଲା ନାଣ୍ଡିଆପଡ଼ାର ରଜତ କୁମାର ଦାସ (୨୧) ଓ ଯାଜପୁର ଜିଲ୍ଲା ବରି ରାମଚନ୍ଦ୍ରପୁରର ବିଶ୍ୱଜିତ ମହାଳିକ (୨୧)। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଗତ ଶୁକ୍ରବାର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଆନ୍ତଃ ହଷ୍ଟେଲ୍ କ୍ରିକେଟ୍ ମ୍ୟାଚ୍ ଚାଲିଥିବା ସମୟରେ ଇଷ୍ଟ ଓ ନିୟୁ ହଷ୍ଟେଲ୍ ଅନ୍ତେବାସୀଙ୍କ ମଧ୍ୟରେ ଖେଳକୁ ନେଇ ପାଟିତୁଣ୍ଡ ହୋଇଥିଲା। ସେହିଦିନ ସନ୍ଧ୍ୟାରେ ୨ ହଷ୍ଟେଲ ଛାତ୍ରଙ୍କ ମଧ୍ୟରେ କଥା କଟାକଟି ହେବା ସହିତ ପ୍ରବଳ ମାରପିଟ୍ ହୋଇଥିଲା। ମାଲଗୋଦାମ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବିବାଦ ସମାଧାନ କରିବାକୁ ଉଦ୍ୟମ କରିଥିଲା। ଗତ ଶନିବାର ରାତିରେ ପୁଣି ଥରେ ୨ ହଷ୍ଟେଲ୍ ଛାତ୍ରଙ୍କ ମଧ୍ୟରେ ପୁଣି ଗଣ୍ଡଗୋଳ ହେବା ସହିତ ମାରପିଟ୍ ହୋଇଥିଲା। ଏଥିରେ ନିୟୁ ଛାତ୍ରାବାସର ୨ଜଣ ଅନ୍ତେବାସୀଙ୍କ ମୁଣ୍ଡ ଓ ପିଠିରେ ଗଭୀର ଆଘାତ ଲାଗିଥିଲା। ସେମାନଙ୍କୁ ଗୁରୁତର ଅବସ୍ଥାରେ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ ଆହତଙ୍କ ପକ୍ଷରୁ ମାଲଗୋଦାମ ଥାନାରେ ଏତଲା ଦିଆଯାଇଥିଲା। ପୁଲିସ ବିଏନ୍‌ଏସର ଧାରା ୧୦୯(୧), ୧୧୭(୨), ୧୨୬(୨), ୩(୫), ୩୫୧(୩)ରେ ଏକ ମାମଲା(କେସ୍ ନଂ ୭୩) ରୁଜୁ କରିଥିଲା। ଏହାରି ଆଧାରରେ ଉପରୋକ୍ତ ୨ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟପଟେ ଏଭଳି ଘଟଣାରେ ହଷ୍ଟେଲର ଛାତ୍ରମାନେ ହଷ୍ଟେଲ ଛାଡ଼ି ଘରକୁ ଚାଲିଯାଇଥିବା ଜଣାପଡ଼ିଛି।

# ଅପରେସନ ସାଇବର କବଚ: ୨୧୬ ଅଭିଯୁକ୍ତ ଗିରଫ

କଟକ,୨୪।୨(ସମିସ): ଏ ପର୍ଯ୍ୟନ୍ତ "ଅପରେସନ ସାଇବର କବଚ' ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ ୯୩୭୬ଟି ମ୍ୟୁଲ୍/ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ୪୦୦ଟି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ସାଇବର ମାମଲା, ଏଟିଏମ୍ ଉଠାଣ ସମ୍ପର୍କିତ ୮ଟି, ଚେକ୍ ଉଠାଣ ସମ୍ପର୍କିତ ୧୩ଟି ଏବଂ ୯ଟି ନକଲି ସିମ୍ ସମ୍ପର୍କିତ ମାମଲା ରୁଜୁ କରାଯାଇଛି। ଏହା ସହ ୨୧୬ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସହ ନୂଆ ଓ ପୁରୁଣା ୧୧୮ଟି ଏଫ୍‌ଆଇଆର୍ ସହ ସଂପୃକ୍ତ ୨୭୫୮ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ଏହି ଅଭିଯାନରେ କଟକ ଜିଲ୍ଲା ପୁଲିସ ୩୫୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରିଛି ଏବଂ ନୂଆ ମାମଲାରେ ୧୦ ଜଣ ଓ ପୁରୁଣା ୪ଟି ଏଫ୍‌ଆଇଆର୍ ସଂପୃକ୍ତ ବ୍ୟକ୍ତିଙ୍କୁ ଆଇନଗତ ନୋଟିସ୍ ଜାରି କରିଛି।

# ୨ ଦିନ ବନ୍ଦ ରହିବ ମାଲଗୋଦାମ

କଟକ,୨୪।୨(ସମିସ): ଚନ୍ଦ୍ରଗ୍ରହଣ ପାଇଁ କଟକ ମାଲଗୋଦାମ ଅଞ୍ଚଳର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଆସନ୍ତା ମାର୍ଚ୍ଚ ୩ ଓ ୪ ତାରିଖ ଦିନ ବନ୍ଦ ରହିବ। କଟକ ବଣିକ ସଂଘ ପକ୍ଷରୁ ଏହି ଦୁଇ ଦିନ ବ୍ୟବସାୟ ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି। ଆସନ୍ତା ମାର୍ଚ୍ଚ ୪ ତାରିଖ ବୁଧବାର ଦିନ ପୂର୍ବରୁ ସଂଘ ପକ୍ଷରୁ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ବନ୍ଦ ରହିବ ବୋଲି ଘୋଷଣା କରାଯାଇଥିଲା। ହେଲେ ମାର୍ଚ୍ଚ ୩ ତାରିଖ ମଙ୍ଗଳବାର ଦିନ ଚନ୍ଦ୍ରଗ୍ରହଣ ପଡୁଥିବାରୁ ମାଲଗୋଦାମ ଅଞ୍ଚଳର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନକୁ ଏହି ଦିନ ମଧ୍ୟ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ ଏହି ସୂଚନା ପ୍ରଦାନ କରିଛନ୍ତି।

# ଭାରତ ମସଲା ପରିବାର ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ



କଟକ,୨୪।୨(ସମିସ): ଭାରତ ମସଲା ପରିବାର ପକ୍ଷରୁ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ରାମଦାସପୁର ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ମସଲା କମ୍ପାନୀର କର୍ମଚାରୀମାନେ କୁଲ ଚ୍ୟାଲେଞ୍ଜର, ଷ୍ଟ୍ରଙ୍ଗ ଷ୍ଟ୍ରାଇକର, ଗୋଲ୍ଡେନ ୱାରିଅର, ତିଖା ଟାଇଟନସ ଆଦି ୪ଟି ଟିମରେ ବିଭକ୍ତ ହୋଇଥିଲା। ପ୍ରତ୍ୟେକ ଟିମ୍ ୬ ଓଭର ଲେଖାଏଁ ମ୍ୟାଚ ଖେଳିଥିଲେ। ଫାଇନାଲ ମ୍ୟାଚରେ ଅରୁଣ ନାୟକଙ୍କ ନେତୃତ୍ୱାଧୀନ ଷ୍ଟ୍ରଙ୍ଗ ଷ୍ଟ୍ରାଇକର ଟିମ ଗୋଲ୍ଡେନ ୱାରିଅରକୁ ପରାସ୍ତ କରି ବିଜୟ ଟ୍ରଫି ହାସଲ କରିଥିଲା। ପ୍ରାରମ୍ଭରେ ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡା ଏହାକୁ ଉଦଘାଟନ କରି କହିଲେ ଯେ ଭାରତ ମସଲା କମ୍ପାନୀରେ କାର୍ଯ୍ୟରତ ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜସ୍ୱ କର୍ମ ବ୍ୟତିରେକେ ଅନେକ ପ୍ରତିଭା ରହିଛି। ଏହି ପ୍ରତିଭାର ବିକାଶ ପାଇଁ କମ୍ପାନୀ ପକ୍ଷରୁ ଖେଳ କସରତର ଆବଶ୍ୟକତା ରହିଛି। କେବଳ କର୍ମକ୍ଷେତ୍ରରେ ନିଜକୁ ସୀମିତ ନ ରଖି ନିଜ ମଧ୍ୟରେ ଥିବା ପ୍ରତିଭା ଓ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବାକୁ ଶ୍ରୀ ପଣ୍ଡା ପରାମର୍ଶ ଦେଇଥିଲେ। ଉଭୟ ବିଜେତା ଓ ଉପ ବିଜେତା ଦଳକୁ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ପୁରସ୍କାର ପ୍ରଦାନ କରିଥିଲେ। ରାମଦାସପୁର ଗ୍ରାମର ସଭାପତି କଲ୍ୟାଣ ସିଂହ ଓ ସମ୍ପାଦକ ନିରଞ୍ଜନ ଭୋଇ ଯୋଗଦେଇଥିଲେ।

## ଷ୍ଟ୍ରଙ୍ଗ ଷ୍ଟ୍ରାଇକର ଟିମର ବାଜିମାତ

# ପରୀକ୍ଷା ଭୟ ନୁହେଁ, ବରଂ ସଫଳତାର ସୋପାନ



ଡକ୍ଟର ପ୍ରଭୁଚରଣ ମହାନ୍ତି

ପରୀକ୍ଷାରେ ସଫଳତା ପାଇଁ କେତେକ ବିଶେଷ ଦିଗ ପ୍ରତି ଛାତ୍ରଛାତ୍ରୀ ଓ ଅଭିଭାବକ ଧ୍ୟାନ ଦିଅନ୍ତୁ। ପ୍ରଥମ କଥା ହେଉଛି ପରୀକ୍ଷା ସମୟରେ ଆଦୌ ପରୀକ୍ଷାଫଳ କ'ଣ ହେବ ବୋଲି ଚିନ୍ତା କରନ୍ତୁ ନାହିଁ। ମନରୁ ଭୟ ଦୂର କରନ୍ତୁ। ଆତ୍ମବିଶ୍ୱାସ ବଢାନ୍ତୁ। ଶୃଙ୍ଖଳିତ ଭାବେ ନିଜର ପରୀକ୍ଷା ପ୍ରସ୍ତୁତି ଜାରି ରଖନ୍ତୁ। ଏଥିପାଇଁ ପରୀକ୍ଷା ସମୟରେ ସମୟକୁ ଠିକ ଭାବେ ବିନିଯୋଗ କରିବା ହେଉଛି ଗୁରୁତ୍ୱପୂର୍ଣ୍ଣ। ପରୀକ୍ଷା ସମୟରେ ମନ ଭିତରେ ଉଦ୍‌ବେଗ, ମାନସିକ ଚାପ ଆସିବା ସ୍ୱାଭାବିକ କିନ୍ତୁ ତାହାକୁ ଦୂରେଇବା ପାଇଁ ଛାତ୍ରଛାତ୍ରୀ ତ ପ୍ରୟାସ କରିବେ କିନ୍ତୁ ଏ କ୍ଷେତ୍ରରେ ଅଭିଭାବକମାନେ ସେମାନଙ୍କୁ ଅଧିକ ସହଯୋଗ କରିବା ଆବଶ୍ୟକ। ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ସହଯୋଗ ଓ ଉତ୍ସାହପ୍ରଦ ପରାମର୍ଶ ଏହି ସମୟରେ ବିଦ୍ୟାର୍ଥୀଙ୍କ ପାଇଁ ଅନେକ ଗୁରୁତ୍ୱ ରଖେ। ଅଭିଭାବକମାନେ ନିଜ ପିଲାଙ୍କ ଠାରୁ ଭଲ ଫଳ ଆଶା କରିବାରେ କିଛି ଭୁଲ ନାହିଁ। କିନ୍ତୁ ତାହା ଯେପରି ପରୀକ୍ଷା ସମୟରେ ପିଲା ଉପରେ ମାନସିକ ଚାପ ସୃଷ୍ଟି ନ କରେ, ସେଥିପ୍ରତି ସେମାନେ ସତର୍କ ଓ ସଜାଗ ରହିବା ଆବଶ୍ୟକ। ଅଭିଭାବକମାନେ ଅଧିକ ଚିନ୍ତିତ ଥିବା ଯଦି ପିଲା ଅନୁଭବ କରେ ତେବେ ତା' ମନରେ ଭୟ ସୃଷ୍ଟି ହୁଏ। ନିଜ ଦକ୍ଷତା ଓ ଯୋଗ୍ୟତା ଉପରେ ବି ତା'ର ସନ୍ଦେହ ଆସେ। ଛାତ୍ରଛାତ୍ରୀ ଭଲଭାବେ ନିଜକୁ ପରୀକ୍ଷା ପାଇଁ ପ୍ରସ୍ତୁତ କରିଥିଲେ ବି ଏ ପ୍ରକାର ଚାପ, ଭୟ, ଦ୍ୱନ୍ଦ୍ୱ ତା'ର ପ୍ରଦର୍ଶନ ଉପରେ କୁପ୍ରଭାବ ପକାଏ। ପରୀକ୍ଷା ସମୟରେ ବିଫଳତାର ଭୟ ଅଥବା ଆଶଙ୍କା ଆଦୌ ମନକୁ ଆଣନ୍ତୁ ନାହିଁ। ଛାତ୍ରଛାତ୍ରୀ ପାଠ ପଢି କଣ ମନେ ରଖିଛି, ତାହା କେବଳ ଏହି ପରୀକ୍ଷାରୁ ପ୍ରମାଣିତ ହୁଏ ନାହିଁ। ଏଥିରେ ତାର ଶୃଙ୍ଖଳିତ ଜୀବନଚର୍ଯ୍ୟା, ସମୟାନୁବର୍ତ୍ତିତା, ଦକ୍ଷତାର ବି ପରୀକ୍ଷା ହୁଏ। ତେଣୁ ଏହା ଏକ ଲମ୍ବା ସମୟର ଯାତ୍ରା। ତାହାକୁ ନିର୍ଦ୍ଦିଷ୍ଟ କୌଣସି ଏକ ପରୀକ୍ଷାରେ ସୀମିତ ନ ରଖି ସଂପୂର୍ଣ୍ଣ ସକରାତ୍ମକ ମନୋଭାବ ନେଇ ଛାତ୍ରଛାତ୍ରୀ ଆଗକୁ ବଢ଼ନ୍ତୁ ଓ ଏଥିରେ ଅଭିଭାବକ ସେମାନଙ୍କୁ ସମର୍ଥନ ଦିଅନ୍ତୁ। କେଉଁଠି ବି ଜୀବନ ଉତ୍‌ଥାନ, ପତନର ମୋଡ଼ ନେଇପାରେ। ତେଣୁ ଏବେ ପରୀକ୍ଷା ସମୟରେ ବିଚଳିତ ହେବା ବଦଳରେ ସଂପୂର୍ଣ୍ଣ ସକରାତ୍ମକ, ଆତ୍ମବିଶ୍ୱାସ ଓ ଦୃଢ ମନୋବଳ ନେଇ ନିଜକୁ ପ୍ରସ୍ତୁତ କରନ୍ତୁ। ସମୟର ଠିକ ଉପଯୋଗ କରନ୍ତୁ। ସୁଷମ ଖାଦ୍ୟ ଖାଆନ୍ତୁ। ଠିକରେ ଶୁଅନ୍ତୁ। ମାନସିକସ୍ତରରେ ଆଦୌ ବିଚଳିତ ନ ହୋଇ ସ୍ଥିର ରୁହନ୍ତୁ। ମାନସିକସ୍ତରରେ ସକରାତ୍ମକ ମନୋଭାବ ତଥା ଦୃଢ ନିଶ୍ଚିତ ହୋଇ ନିଜକୁ ପ୍ରସ୍ତୁତ କଲେ ଏହି ପରୀକ୍ଷାକୁ ଜୀବନରେ ଉତ୍ଥାନର ଏକ ପାହଚ ଭାବେ ବ୍ୟବହାର କରି ତୁମେ ଏକ ସୁନ୍ଦର ଭବିଷ୍ୟତ ଗଠନ ଦିଗରେ ଆଗକୁ ବଢିପାରିବ। ଏଥି ପାଇଁ ସମସ୍ତେ ସହଯୋଗ କରିବା ସହ ଶୁଭେଚ୍ଛା ଜଣାଉଛି।

**ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ**

ନିର୍ଦ୍ଦେଶକ, ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲ୍ସ
ଅଧ୍ୟକ୍ଷ, ସେଣ୍ଟ ଜାଭିୟର୍ସ ଏଜୁକେସନାଲ୍ ଟ୍ରଷ୍ଟ

## ଶୈଳବାଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରସଙ୍ଗ

# ଜିଲ୍ଲାପାଳଙ୍କ ସହ ଆଲୋଚନା ବିଫଳ

କଟକ,୨୪।୨(ସମିସ):





- ଆନ୍ଦୋଳନ ଜାରି ରଖିବାକୁ ଛାତ୍ରୀଙ୍କ ଜିଦ୍
- ୩୩ ଦିନରେ ପହଞ୍ଚିଲା ଧାରଣା
- ଜମି ଓ ଭିତ୍ତିଭୂମି ସମସ୍ୟା ସମାଧାନ ପରେ ମାନ୍ୟତା ମିଳିବ ବୋଲି ପ୍ରଶାସନର ସଫେଇ

ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ପ୍ରସଙ୍ଗରେ ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକ କୌଣସି ନିର୍ଦ୍ଦିଷ୍ଟ ସମାଧାନ ବାହାର କରିବାରେ ବିଫଳ ହୋଇଛି। ଆନ୍ଦୋଳନ ୩୩ ଦିନରେ ପହଞ୍ଚିବା ପରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଛାତ୍ରୀ, ପୁରାତନ ଛାତ୍ରୀ ସଂଘ, ବୁଦ୍ଧିଜୀବୀ ଏବଂ ବିଜେପି ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକ ପରେ ଜିଲ୍ଲାପାଳ ଓ ବିଜେପି ପ୍ରତିନିଧି ଶ୍ରୀତମ ଦାସ ଆଲୋଚନା ସଫଳ ହୋଇଥିବା ଦାବି କରିଥିବା ବେଳେ, ଆନ୍ଦୋଳନରତ ଛାତ୍ରୀ ଏବଂ ପୁରାତନ ଛାତ୍ରୀ ସଂଘ ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ପ୍ରଶାସନିକସ୍ତରରେ ଦିଆଯାଇଥିବା ସୂଚନା ଅନୁଯାୟୀ, ମହାବିଦ୍ୟାଳୟର ଜମି ବର୍ତ୍ତମାନ ସୁଦ୍ଧା ସରକାରଙ୍କ ନାମରେ ରହିଛି ଏବଂ ଏହା ଶୈଳବାଳା ମହାବିଦ୍ୟାଳୟର ନିଜସ୍ୱ ଖାତାକୁ ଆସିନାହିଁ। ଜିଲ୍ଲାପାଳଙ୍କ କହିବା ଅନୁଯାୟୀ, ଜମି ସମସ୍ୟାର ସମାଧାନ ଏବଂ ଭିତ୍ତିଭୂମିର ବିକାଶ ନ ହେବା ପର୍ଯ୍ୟନ୍ତ ଏହାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ସମ୍ଭବ ନୁହେଁ। ପ୍ରଥମ ପର୍ଯ୍ୟାୟରେ ସରକାରୀ ଖାତାରୁ ଜମିକୁ ଶୈଳବାଳା ନାମକୁ ହସ୍ତାନ୍ତର କରିବା ପ୍ରକ୍ରିୟା ଆରମ୍ଭ କରାଯିବ ଏବଂ ଏହା ପରେ ହିଁ ସରକାର ବିଶ୍ୱବିଦ୍ୟାଳୟ ମାନ୍ୟତା ଉପରେ ବିଚାର କରିବେ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅନ୍ୟପଟେ, ଆନ୍ଦୋଳନରତ ଛାତ୍ରୀ ମୌସୁମୀ ମହାନ୍ତ ଏବଂ ପୁରାତନ ଛାତ୍ରୀ ସଂଘର ସଦସ୍ୟା ଗୋପା ଦାସ ଓ ସୁଚିତ୍ରା ସେଠୀ ଏହି ଯୁକ୍ତିକୁ ଗ୍ରହଣ କରିନାହାନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପ୍ରଶାସନ କେବଳ ସମୟ ଗଡ଼ାଇ ଆନ୍ଦୋଳନକୁ ଦୁର୍ବଳ କରିବା ପାଇଁ ଏଭଳି ବାହାନା କରୁଛି। ଜମି ହସ୍ତାନ୍ତର ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇ ନ ଥିବାରୁ ଛାତ୍ରୀମାନେ ନିରାଶ ହୋଇଛନ୍ତି। ଯେ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ମାନ୍ୟତା ନେଇ ସରକାରୀ ଭାବେ ଲିଖିତ ପ୍ରତିଶ୍ରୁତି ବା ଘୋଷଣା ହୋଇନାହିଁ, ସେ ପର୍ଯ୍ୟନ୍ତ ଧାରଣା ପୂର୍ବଭଳି ଜାରି ରହିବ ବୋଲି ଛାତ୍ରୀମାନେ ଚେତାବନୀ ଦେଇଛନ୍ତି।

## ସ୍ୱଚ୍ଛ ଭାରତ ମିଶନକୁ ନିଶ୍ଚିନ୍ତକୋଇଲିରେ ଶକ୍ତ ଧକ୍କା

# ନର୍ଦ୍ଦମା କୁଣ୍ଡ ପାଲଟିଛି ୮ ନମ୍ବର କେନାଲ

## ବୁହାଲୋରୁ ବାଲିପଡ଼ା ପର୍ଯ୍ୟନ୍ତ କୁଢ କୁଢ ଅଳିଆ ଆବର୍ଜନା

## ଦୁର୍ଗନ୍ଧ ଓ ସଂକ୍ରାମକ ରୋଗ ଭୟରେ ତ୍ରାହି ତ୍ରାହି ଡାକୁଛନ୍ତି ସ୍ଥାନୀୟ ବାସିନ୍ଦା

ନିଶ୍ଚିନ୍ତକୋଇଲି,୨୪।୨(ସମିସ):

ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ୮ ନମ୍ବର କେନାଲ ଏବେ ଏକ ବଡ଼ ନର୍ଦ୍ଦମାରେ ପରିଣତ ହୋଇଛି। କେନାଲ ଶଯ୍ୟାରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଥିବାରୁ ଏହା କେବଳ ପରିବେଶକୁ ଦୂଷିତ କରୁନାହିଁ, ବରଂ ଅସହ୍ୟ ଦୁର୍ଗନ୍ଧ ଯୋଗୁଁ ସାଧାରଣ ଲୋକଙ୍କ ଚଳପ୍ରଚଳରେ ବାଧା ସୃଷ୍ଟି କରୁଛି। ବୁହାଲୋଠାରୁ ଆରମ୍ଭ କରି ବାଲିପଡ଼ା ପର୍ଯ୍ୟନ୍ତ କେନାଲର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଥିଲେ ମଧ୍ୟ ବିଭାଗୀୟସ୍ତରରେ କୌଣସି ପଦକ୍ଷେପ ନିଆ ନ ଯିବା ସାଧାରଣରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି। ଏହି କେନାଲଟି ନିଶ୍ଚିନ୍ତକୋଇଲି ବଜାର ମଧ୍ୟ ଦେଇ ଯାଇଥିବାରୁ ଏହାର ଦୁଇ ପାଶ୍ୱର୍ରେ ଥିବା ମାଛ, ମାଂସ ଓ ଜଳଖିଆ ଦୋକାନୀମାନେ କେନାଲକୁ ଏକ ଡଷ୍ଟବିନ୍ ଭାବେ ବ୍ୟବହାର କରୁଛନ୍ତି। ମାଛ କାତି, ପଚାସଢ଼ା ଦ୍ରବ୍ୟ, ପଲିଥିନ, ପ୍ଲାଷ୍ଟିକ୍ ଗ୍ଲାସ୍ ଏବଂ ହୋଟେଲର ଅପରିତ୍ୟକ୍ତ ପାଣି ସିଧାସଳଖ କେନାଲ ମଧ୍ୟକୁ ନିଷ୍କାସନ କରାଯାଉଛି। ବର୍ତ୍ତମାନ କେନାଲ ଶୁଖିଲା ପଡ଼ିଥିବାରୁ ଏହି ଆବର୍ଜନାଗୁଡ଼ିକ ପଚି ସେଠାରେ ମଶା ଓ ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଏହାଫଳରେ କେନାଲ କୂଳରେ ବସବାସ କରୁଥିବା ଲୋକେ ବିଭିନ୍ନ ସଂକ୍ରାମକ ରୋଗର ଶିକାର ହେଉଛନ୍ତି। କେବଳ ଜନସ୍ୱାସ୍ଥ୍ୟ ନୁହେଁ, ବରଂ ଏହି ପ୍ରଦୂଷଣ ଆଗାମୀ ଦିନରେ ଚାଷ କାର୍ଯ୍ୟ ଉପରେ ମଧ୍ୟ କୁପ୍ରଭାବ ପକାଇବାର ସମ୍ଭାବନା ରହିଛି। ଯେତେବେଳେ ଜଳସେଚନ ପାଇଁ କେନାଲରେ ପାଣି ଛଡ଼ାଯିବ, ସେତେବେଳେ ଏହି ପ୍ଲାଷ୍ଟିକ୍ ଓ ପଲିଥିନ ଯୁକ୍ତ ଦୂଷିତ ଆବର୍ଜନା ଭାସି ଯାଇ ଚାଷୀଙ୍କ ଜମିରେ ପଶିବ। ଏହାଦ୍ୱାରା ଚାଷ ଜମିର ଉର୍ବରତା ନଷ୍ଟ ହେବା ସହ ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇପାରେ। ଏଥିପାଇଁ ତୁରନ୍ତ କେନାଲ ସଫେଇ କରିବା ସହ ଅଳିଆ ପକାଉଥିବା ଅସାଧୁ ବ୍ୟବସାୟୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।



## ନୂଆପାଟଣା ହାଟରେ ମାପ ଓ ଓଜନ ବିଭାଗର ଚଢ଼ଉ

ତିଗିରିଆ,୨୪।୨(ସମିସ): ତିଗିରିଆ ବ୍ଲକ ନୂଆପାଟଣା ପଞ୍ଚାୟତସ୍ଥିତ ସାପ୍ତାହିକ ହାଟରେ ମଙ୍ଗଳବାର ଜିଲ୍ଲା ଲିଗାଲ ମେଟ୍ରୋଲୋଜି ବିଭାଗ ପକ୍ଷରୁ ଏକ ଅତର୍କିତ ଚଢ଼ଉ କରାଯାଇଛି। ବିଭିନ୍ନ ସମୟରେ ବ୍ୟବସାୟୀମାନେ ଓଜନରେ ଖାଉଟିଙ୍କୁ ଠକୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏହାକୁ ଭିତ୍ତି କରି ବିଭାଗୀୟ ଏନଫୋର୍ସମେଣ୍ଟ ଟିମ ହାଟରେ ପହଞ୍ଚି ବ୍ୟବସାୟୀଙ୍କ ବଟକରା, ଓଜନ କଣ୍ଟା ଓ ଇଲେକ୍ଟ୍ରୋନିକ୍ ମେସିନ ଆଦିର ଯାଞ୍ଚ କରିଥିଲେ। ତେବେ ଏହି ଯାଞ୍ଚ ସମୟରେ ବିଭାଗୀୟ ଅଧିକାରୀ ଓ ବ୍ୟବସାୟୀଙ୍କ ମଧ୍ୟରେ କିଛି ସମୟ ପାଇଁ ଯୁକ୍ତିତର୍କ ହୋଇଥିଲା, ଯାହା ପରେ ସ୍ଥାନୀୟ ପୁଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଚଳିତ ମାସରେ ବିଭାଗ ପକ୍ଷରୁ ମୋଟ ୫ଟି ସ୍ଥାନରେ ଚଢ଼ଉ କରାଯାଇ ଅସାଧୁ ବ୍ୟବସାୟୀଙ୍କଠାରୁ ୮୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ବିଭାଗର ଏହି କାର୍ଯ୍ୟାନୁଷ୍ଠାନ ଫଳରେ ଅଞ୍ଚଳର ଅସାଧୁ ବ୍ୟବସାୟୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିବା ବେଳେ ଖାଉଟିମାନେ ଏହାକୁ ସ୍ୱାଗତ କରିଛନ୍ତି। ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ଉ ଜାରି ରହିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

## କୂଅରୁ ବାରହା ଉଦ୍ଧାର କଲା ବନବିଭାଗ



ତିଗିରିଆ,୨୪।୨(ସମିସ): ତିଗିରିଆ ବ୍ଲକ ପାଞ୍ଚଗାଁ ଅଞ୍ଚଳରେ ଏକ କୂଅ ମଧ୍ୟରେ ଖସି ପଡ଼ିଥିବା ଏକ ବାରହାକୁ ମଙ୍ଗଳବାର ସକାଳେ ବନ ବିଭାଗ ଉଦ୍ଧାର କରିଛି। ସୋମପଡ଼ା-ଖଣ୍ଡହତା ଗ୍ରାମ୍ୟ ଉନ୍ନୟନ ରାସ୍ତାକଡ଼ରେ ଥିବା ଏକ ଚାଷଜମି ମଧ୍ୟସ୍ଥ କୂଅରେ ଅସାବଧାନତା ବଶତଃ ଏହି ଜଙ୍ଗଲି ବାରହାଟି ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ବାରହାଟିକୁ କୂଅ ମଧ୍ୟରେ ଦେଖିବା ପରେ ବନ ବିଭାଗକୁ ଖବର ଦେଇଥିଲେ। ବନପାଳ ପ୍ରଶାନ୍ତ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ଜାଲ ସହାୟତାରେ ବାରହାଟିକୁ ସୁରକ୍ଷିତ ଭାବେ କୂଅରୁ ବାହାର କରିଥିଲେ। ବାରହାଟି ସୁସ୍ଥ ଥିବା ଜଣାପଡ଼ିଥିଲା ଏବଂ ସେ ସ୍ଥାନୀୟ ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲା। ବନ ବିଭାଗର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଅଞ୍ଚଳବାସୀ ବେଶ୍ ପ୍ରଶଂସା କରିଛନ୍ତି।

## ରାମଚଣ୍ଡୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

ନରସିଂହପୁର,୨୪।୨(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ କଅଁରପୁର ଗ୍ରାମରେ ମା' ରାମଚଣ୍ଡୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ତିନିଦିନ ଧରି ଅନୁଷ୍ଠିତ ହୋଇ ସୋମବାର ଉଦଯାପିତ ହୋଇଛି। ମା'ଙ୍କ ପୂଜା ନୀତିକାନ୍ତି ଅନୁଯାୟୀ ସୂର୍ଯ୍ୟପୂଜା, ଅଙ୍କୁରାରୋପଣ ହୋଇଥିବା ସହିତ ପୂଜା ମଣ୍ଡପରେ ମା'ଙ୍କ ବିଗ୍ରହଙ୍କୁ ପୂଜା ପ୍ରତିଷ୍ଠା କରାଯାଇଥିଲା। ଏହି ଅବସରରେ ଗ୍ରାମବାସୀଙ୍କ ଦ୍ୱାରା ମହାନଦୀରୁ କଳସ ଯାତ୍ରା ପରେ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଗ୍ରାମର ରାମଚଣ୍ଡୀ ଠାକୁରାଣୀ ବେଶ୍ ଜଣାଶୁଣା ଥିବାରୁ ପୌରାଣିକ ପଦ୍ଧତିରେ ମା'ଙ୍କ ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ଏହି ଉତ୍ସବରେ ଆୟୋଜିତ ମହାଯଜ୍ଞ ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା।

## ବିଶିଷ୍ଟ ପାଲା ଗାୟକଙ୍କ ପରଲୋକ

କଣ୍ଟାପଡ଼ା,୨୪।୨(ସମିସ): କଣ୍ଟାପଡା ବ୍ଲକ ଗୋବିନ୍ଦପୁର ଗ୍ରାମର ସୁବିଖ୍ୟାତ ପାଲା ଗାୟକ ବାନାମ୍ବର ଦାଶ(୭୬) ବର୍ଷରେ ପରଲୋକ ଘଟିଛି। ସେ ଭାରତ ସଞ୍ଚାର ନିଗମରେ ଦୀର୍ଘ ୩୫ ବର୍ଷ ଧରି ଚାକିରି କରି ଅବସର ଗ୍ରହଣ କରିଥିଲେ। ନିଜ ଚାକିରି ଜୀବନ ସହ ସେ ଜଣେ ପାଲା ଗାୟକ ଭାବେ କଟକ ଓ ଜଗତସିଂହପୁର ଜିଲ୍ଲାରେ ସୁଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ କଣ୍ଟାପଡା ବ୍ଲକ ଅଞ୍ଚଳରେ ବିଭିନ୍ନ ବର୍ଗର ଜନ ସାଧାରଣ ଶୋକ ବ୍ୟକ୍ତ କରିଛନ୍ତି। ମୃତ୍ୟୁବେଳକୁ ଅନ୍ତିମ ଶଯ୍ୟା ନିକଟରେ ଦୁଇ ପୁତ୍ର, ପୁତ୍ର ବଧୂ ଓ ଝିଅ ଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

## ଅବକାରୀ ବିଭାଗର ଚଢ଼ଉ

### ୨୧ ହଜାର ଲିଟର ପୋଚ ନଷ୍ଟ

ତିଗିରିଆ,୨୪।୨(ସମିସ): ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ତିଗିରିଆ ବ୍ଲକର ବିଭିନ୍ନ ସ୍ଥାନରେ ଏକ ବଡ଼ ଧରଣର ମିଳିତ ଚଢ଼ଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ ଓ ପୋଚ ଜବତ କରାଯାଇଛି। ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଙ୍କୀ, ନରସିଂହପୁର ଏବଂ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ୟୁନିଟ୍ ଏହି ଅଭିଯାନରେ ସାମିଲ ହୋଇଥିଲେ। ଭୀରୁଡ଼ା ପଞ୍ଚାୟତର ଉପରଗଡ଼, ଗରପଡ଼ା, ପାଇକସାହି, ପଣସପାଟଣା ଗ୍ରାମ ସମେତ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଚଢ଼ଉ କରାଯାଇ ୩୩୬୦ ଲିଟର ରନ୍ଧା ମଦ ଏବଂ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ପ୍ରାୟ ୨୧,୩୧୫ ଲିଟର ଗୁଡ଼ ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଏହି ଘଟଣାରେ ବିଭାଗ ପକ୍ଷରୁ ମୋଟ ୭ଟି ମାମଲା ରୁଜୁ କରାଯାଇଥିବା ବେଳେ କାହାରିକୁ ଗିରଫ କରାଯାଇପାରି ନାହିଁ। ଏହି ଚଢ଼ଉରେ ବାଙ୍କୀ ଅବକାରୀ ଉପ-ନିରୀକ୍ଷକ ବାପି ସାହୁ, ଜିଲ୍ଲା ଭ୍ରାମ୍ୟମାଣ ୟୁନିଟ୍ ଉପନିରୀକ୍ଷକ ଅକ୍ଷୟ ଜେନାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଅଞ୍ଚଳରେ ଚୋରା ମଦ କାରବାର ବନ୍ଦ କରିବା ପାଇଁ ଆଗକୁ ମଧ୍ୟ ଏଭଳି ଚଢ଼ଉ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଅଦିନିଆ ବର୍ଷା ଓ ପବନର ତାଣ୍ଡବ

# ଭାଙ୍ଗିଲା ଯାତ୍ରା ପେଣ୍ଡାଲ; ୨ ଗୁରୁତର



ବଡ଼ମ୍ବା/ତିଗିରିଆ,୨୪।୨(ସମିସ): ବଡ଼ମ୍ବା ବ୍ଲକ ଯୋଡୁମୁ ଗ୍ରାମରେ ଅନୁଷ୍ଠିତ ଶ୍ରୀ ଅଷ୍ଟଶମ୍ଭୁ ଦେବଙ୍କ ଜାଗର ଯାତ୍ରା ଅବସରରେ ପ୍ରକୃତିର କୋପ ଦେଖିବାକୁ ମିଳିଛି। ମଙ୍ଗଳବାରଠାରୁ ତିନି ଦିନ ଧରି 'ଅପେରା ମୁକ୍ତିମଣ୍ଡପ' ପକ୍ଷରୁ ନାଟକ ପରିବେଷଣ ପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ଅଦିନିଆ ବର୍ଷା ଓ ପ୍ରବଳ ପବନରେ ବିରାଟ ଯାତ୍ରା ପେଣ୍ଡାଲଟି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି। ନାଟକ ଆରମ୍ଭ ହେବାକୁ ମାତ୍ର କିଛି ଘଣ୍ଟା ବାକି ଥିବା ବେଳେ ଏହି ଅଘଟଣ ଘଟିବାରୁ ପ୍ରଥମ ରାତିର ପ୍ରଦର୍ଶନ ବାତିଲ ହୋଇଯାଇଛି। ଏହି ଦୁର୍ଘଟଣାରେ ଅପେରା ପାର୍ଟିର ଦୁଇଜଣ କର୍ମଚାରୀ ଗୁରୁତର ଆହତ ହୋଇଥିବା ବେଳେ ପେଣ୍ଡାଲ ନିକଟରେ ଥିବା ୩ଟି ମୋଟର ସାଇକଲ ମଧ୍ୟ ଭାଙ୍ଗିରୁଜି ଯାଇଛି। ପେଣ୍ଡାଲ ସହ ଯାତ୍ରା ପାର୍ଟିର ବହୁ ମୂଲ୍ୟବାନ ଆସବାବପତ୍ର ଓ ସାମଗ୍ରୀ ନଷ୍ଟ ହୋଇଯାଇଥିବାରୁ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବା ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ନାଟକ ପାଇଁ ଅଗ୍ରୀମ ଟିକଟ ବିକ୍ରି ସରିଥିଲେ ହେଁ ପେଣ୍ଡାଲ ଭାଙ୍ଗିଯିବା ଫଳରେ ଯାତ୍ରାପ୍ରେମୀମାନେ ନିରାଶ ହୋଇ ଫେରିଛନ୍ତି।

## ପୁଣି ତୀବ୍ର ହେଲା କଣ୍ଟାପଡ଼ା ବ୍ଲକ୍ ଜନପ୍ରତିନିଧିଙ୍କ ଆନ୍ଦୋଳନ

### ୩ ପୂର୍ବତନ ବିଧାୟକଙ୍କ ଆନ୍ଦୋଳନକୁ ସମର୍ଥନ

କଣ୍ଟାପଡା,୨୪।୨(ସମିସ)



କଣ୍ଟାପଡ଼ା ବ୍ଲକରେ ସରକାରୀ ଅନୁଦାନ ପ୍ରାପ୍ତ ଅଧପନ୍ତରିଆ ଉନ୍ନୟନ କାର୍ଯ୍ୟକୁ ଶେଷ କରିବା ଏବଂ ଅନୁମୋଦିତ ନୂଆ କାର୍ଯ୍ୟ ଆରମ୍ଭ କରିବା ପ୍ରତିବାଦରେ ବ୍ଲକ ପ୍ରଶାସନ ବିରୋଧରେ ଉଭୟ ବିଜେପି ଓ ବିଜେଡି ସମର୍ଥିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୨ ଜିଲ୍ଲା ପରିଷଦ ସଭ୍ୟ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଜୀନା ଭୋଇ ଏବଂ ଉପାଧ୍ୟକ୍ଷ ଯତିନ୍ଦ୍ର ନାଥ ବରାଳଙ୍କ ନେତୃତ୍ୱରେ ଚାଲିଥିବା ଦିବାରାତ୍ର ଧାରଣା ଆଜି ୭ମ ଦିନରେ ପହଞ୍ଚିଥିବା ବେଳେ ଏହାର କୌଣସି ନିଷ୍କର୍ଷ ଏ ପର୍ଯ୍ୟନ୍ତ ବାହାରି ପାରି ନାହିଁ। ବିଜେପି ଦଖଲରେ ଥିବା କଟକ ଜିଲ୍ଲାର ଏକମାତ୍ର କଣ୍ଟାପଡା ବ୍ଲକର ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ବିଜେପିର ହୋଇଥିବା ବେଳେ ତାଙ୍କ ନେତୃତ୍ୱରେ ପ୍ରାକ୍ତନ ବିଧାୟକ ରବିନ୍ଦ୍ର କୁମାର ମଲ୍ଲିକ ଜନପ୍ରତିନିଧିଙ୍କ ପାଖରେ ପହଞ୍ଚି ସମର୍ଥନ ଜଣାଇଛନ୍ତି। ଏହା ପୂର୍ବରୁ ବିଜେଡିର ପ୍ରାକ୍ତନ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ଓ ପୂର୍ବତନ ଅର୍ଥ ରାଷ୍ଟ୍ର ମନ୍ତ୍ରୀ ପଞ୍ଚାନନ କାନୁନଗୋ ଧାରଣାସ୍ଥଳରେ ପହଞ୍ଚି ନିଜର ସମର୍ଥନ ଜାରି ରଖିବା ସହ ପ୍ରଶାସନର କାର୍ଯ୍ୟକୁ ତୀବ୍ର ନିନ୍ଦା କରିଥିଲେ। ବର୍ତ୍ତମାନର ନିଆଳୀ ବିଧାୟକ ଘଟଣାସ୍ଥଳକୁ ନ ଯାଇ କଟକ ସଦର ଥାନାଞ୍ଚଳ ଏକ ଘରୋଇ ରିସୋର୍ଟରେ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ସାମ୍ବାଦିକଙ୍କୁ ଆମନ୍ତ୍ରଣ କରି ସାମ୍ବାଦିକ ସମ୍ମିଳନୀ କରିବା ଘଟଣାକୁ ନେଇ ନିଜ ନିର୍ବାଚନମଣ୍ଡଳୀର କଣ୍ଟାପଡା ବ୍ଲକକୁ ଯିବାରେ ବିଧାୟକଙ୍କ ଅସୁବିଧା କେଉଁଠି? ବୋଲି ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି।

## 'ବାଲ୍ୟ ବିବାହ ମୁକ୍ତ ଭାରତ' ରଥକୁ ସ୍ୱାଗତ

ବଡ଼ମ୍ବା,୨୪।୨(ସମିସ): ବଡ଼ମ୍ବା ବ୍ଲକରେ ବାଲ୍ୟ ବିବାହ ଭଳି ସାମାଜିକ କୁସଂସ୍କାରକୁ ରୋକିବା ପାଇଁ ଏକ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଉତ୍କଳ ସେବକ ସମାଜ' ଏବଂ "ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ'ର ମିଳିତ ସହଯୋଗରେ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପରିସରରେ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। ଉତ୍କଳ ସେବକ ସମାଜର ସମ୍ପାଦକ ଡଃ ଅମୀୟ ଭୂଷଣ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି ରଥ ବଡ଼ମ୍ବା ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ମଣ୍ଡଳ ପରିଦର୍ଶିକା ପ୍ରମିଳା କୁଜୁର ଏହି ରଥକୁ ଉଦ୍‌ଘାଟନ କରିଥିବା ବେଳେ ଉତ୍କଳ ସେବକ ସମାଜର କର୍ମୀ ଡଃ ପ୍ରମୋଦ କୁମାର ଓଝା ରଥ ମାଧ୍ୟମରେ ଗ୍ରାମବାସୀଙ୍କୁ ବାଲ୍ୟ ବିବାହର କୁପରିଣାମ ବିଷୟରେ ସଚେତନ କରାଇଥିଲେ। "ଏ ଟୁ ଜେ' ପ୍ରକଳ୍ପ କର୍ମୀ ଚିନ୍ମୟ ଗୋଛିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି ସୁପରଭାଇଜର ଜେମା ଲାଙ୍ଗୁରି, ବିନୋଦିନୀ ବେହେରା ଏବଂ ଅନେକ ଅଙ୍ଗନବାଡ଼ି କର୍ମୀ ସହଯୋଗ କରିଥିଲେ। ସମସ୍ତ କର୍ମକର୍ତ୍ତା ବାଲ୍ୟ ବିବାହ ରୋକିବା ପାଇଁ ଶପଥ ପାଠ କରିବା ସହ ବିଭିନ୍ନ ସ୍ଲୋଗାନ ଦେଇ ସମାଜରେ ପରିବର୍ତ୍ତନ ଆଣିବାକୁ ଆହ୍ୱାନ ଦେଇଥିଲେ।



## ମା' ଭୁଆସୁଣିଙ୍କ ପୀଠରେ ଯଜ୍ଞୋତ୍ସବ

କିଶନନଗର,୨୪।୨(ସମିସ): କଟକ ସଦର ଅନ୍ତର୍ଗତ ସୋମପୁର ପଞ୍ଚାୟତ ଥୋରିଆପଡା ଗ୍ରାମର ଗ୍ରାମଦେବତୀ ମା' ଭୂଆସୁଣୀଙ୍କ ପୀଠରେ ତିନିଦିନିଆ ଦ୍ୱିତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞୋତ୍ସବ ଚାଲିଛି। ମହିଳାମାନେ କଳସ ଶୋଭାଯାତ୍ରାରେ ଯାଇଁ ପାଇକାନଦୀରୁ ପବିତ୍ର ଜଳ ଆଣି ସ୍ଥାପନା କଲା ପରେ ଯାଜ୍ଞିକ ବ୍ରାହ୍ମଣ ଓ ପଣ୍ଡିତଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ କର୍ତ୍ତା ଭାବେ ଗୌରାଙ୍ଗ ଚରଣ ସାହୁ ଓ ନିର୍ମଳା ସାହୁ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ପରିଚାଳନାରେ ବଂଶୀଧର ପ୍ରଧାନ, ମୁରଲୀଧର ସେନାପତି, ବଂଶୀଧର ସାହୁ, ଅଭୟ ସାହୁ, ପ୍ରଦୀପ୍ତ ପ୍ରଧାନ, ଜୟଦେବ ସାହୁ, ନୃସିଂହ ଚରଣ ସାହୁ, ରଞ୍ଜନ ପ୍ରଧାନ, ବିଜୟ ସାହୁ, ଅକ୍ଷୟ ସାହୁ, ସରୋଜ ସାହୁ, ପ୍ରମୋଦ ସାହୁ, ସୁବାସ ଚନ୍ଦ୍ର ସାହୁ, ଦିଲ୍ଲୀପ ସାହୁ, ସୁଦାମ ଚରଣ ସାହୁ, ଭ୍ରମରବର ସାହୁ, ବିରବରତ ସାହୁ, ପରୀକ୍ଷିତ ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀ ସହାୟତା କରୁଛନ୍ତି।



## ଆଠଗଡ଼ କୋର୍ଟରେ ତ୍ରିନାଥ ଦେବଙ୍କ ବିଗ୍ରହ ପ୍ରତିଷ୍ଠା

ଆଠଗଡ଼,୨୪।୨(ସମିସ): ଆଠଗଡ଼ ଅଦାଲତ ପରିସରରେ ଥିବା ପ୍ରଭୁ ତ୍ରିନାଥ ଦେବଙ୍କ ମନ୍ଦିରରେ ଭବ୍ୟ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୨୫ ବର୍ଷ ଧରି ଏକ ବିରାଟ ବଟବୃକ୍ଷ ମୂଳେ ଅସ୍ଥାୟୀ ଭାବେ ପ୍ରଭୁ ପୂଜା ପାଇଆସୁଥିଲେ। ପୂର୍ବରୁ ସ୍ଥାପିତ ବିଗ୍ରହ କ୍ଷୟ ହୋଇଯାଇଥିବାରୁ ଓକିଲ ସଂଘର ସଭାପତି ଜଗଦାନନ୍ଦ ତ୍ରିପାଠୀ, ସମ୍ପାଦକ ବନ ବିହାରୀ ସାହୁ ଏବଂ ଅନ୍ୟ ସଦସ୍ୟମାନଙ୍କ ନିଷ୍ପତ୍ତିକ୍ରମେ ନୂତନ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ପୂର୍ବ ବିଗ୍ରହଙ୍କୁ ପାତାଳି କରାଯାଇ ସେହି ସ୍ଥାନରେ ନୂତନ ବିଗ୍ରହଙ୍କୁ ସ୍ଥାପନ କରାଯାଇଛି। ସମ୍ପାଦକ ବନ ବିହାରୀ ସାହୁ ସପତ୍ନୀକ କର୍ତ୍ତା ଥିବା ବେଳେ ପୂଜକ ବିଭୂତି ଭୂଷଣ ନନ୍ଦ, ସତ୍ୟ ନାରାୟଣ ମିଶ୍ର ଓ ଦିବ୍ୟରଞ୍ଜନ ପଣ୍ଡା ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ସମସ୍ତ ଆଇନଜୀବୀଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରସାଦ ସେବନର ମଧ୍ୟ ବ୍ୟବସ୍ଥା କରାଯାଇଥିଲା।



## ରାଜ୍ୟପାଳଙ୍କୁ ଭେଟିଲେ ବୁଣାକାର ମହାସଂଘ କର୍ମକର୍ତ୍ତା

### ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା

ତିଗିରିଆ,୨୪।୨(ସମିସ): ଓଡ଼ିଶା ରାଜ୍ୟ ବୁଣାକାର ମହାସଂଘର ଏକ ପ୍ରତିନିଧି ଦଳ ମଙ୍ଗଳବାର ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭପତିଙ୍କୁ ଭେଟି ବୁଣାକାରମାନଙ୍କର ବିଭିନ୍ନ ଦୀର୍ଘଦିନର ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ମହାସଂଘ ପକ୍ଷରୁ ମୁଖ୍ୟତଃ ୫୦ ବର୍ଷରୁ ଅଧିକ ବୟସର ବୁଣାକାରଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା ପ୍ରଦାନ, ବୁଣାକାରମାନଙ୍କ ପାଇଁ ବିଦ୍ୟୁତ ଦେୟ ଛାଡ଼, ହସ୍ତତନ୍ତ ବସ୍ତ୍ର ଉପରୁ ଜିଏସଟି ପ୍ରତ୍ୟାହାର ଏବଂ ଭୂମିହୀନ ବୁଣାକାରଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ଭଳି ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରାଯାଇଛି। ଏଥିସହ ବୁଣାକାର ସମିତି ଦ୍ୱାରା ଦିଆଯାଉଥିବା ମଜୁରୀ ଉପରେ ୪୦ ପ୍ରତିଶତ ଅଧିକ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ମଧ୍ୟ ନିବେଦନ କରାଯାଇଛି। ଏହି ସାକ୍ଷାତକାର ସମୟରେ ମହାସଂଘର ସଭାପତି ଶ୍ରୀଧର ବେହେରା, କାର୍ଯ୍ୟକାରୀ ସଭାପତି ସଞ୍ଜୟ ମେହେର, ଉପସଭାପତି କିଶୋର ଚନ୍ଦ୍ର ଦାସ ଏବଂ ଉପଦେଷ୍ଟା ଡ. ପ୍ରଭାସ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ମାର୍ଚ୍ଚ ମାସରେ ଅନୁଷ୍ଠିତ ହେବାକୁ ଥିବା ବୁଣାକାର ମହାସଂଘର ବାର୍ଷିକ ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଆମନ୍ତ୍ରଣ କରିଥିଲେ। ରାଜ୍ୟପାଳ ଏହି ସମ୍ମିଳନୀରେ ଯୋଗଦେବା ପାଇଁ ସମ୍ମତି ପ୍ରଦାନ କରିଥିବା ମହାସଂଘ ପକ୍ଷରୁ ସୂଚନା ମିଳିଛି। ବୁଣାକାରମାନଙ୍କର ଆର୍ଥିକ ଓ ସାମାଜିକ ସ୍ଥିତିରେ ସୁଧାର ଆଣିବା ପାଇଁ ଏହି ସାକ୍ଷାତକାର ବେଶ୍ ଫଳପ୍ରଦ ହେବ ବୋଲି ଆଶା କରାଯାଉଛି।



## ରାଧାକାନ୍ତଜୀଉ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

ସାଲେପୁର,୨୪।୨(ସମିସ)

ସାଲେପୁର ବ୍ଲକ ତେନ୍ତୋଳ ପଞ୍ଚାୟତ ଅନ୍ତର୍ଗତ ପାଟପୁର ଗ୍ରାମରେ ଅନୁଷ୍ଠିତ ହେଉଥିବା ତ୍ରିଦିବସୀୟ ବିଷ୍ଣୁ ମହାଯଜ୍ଞ ଓ ରାଧାକାନ୍ତଜୀଉ ମହୋତ୍ସବ-୨୦୨୬ର ଆଜି ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ସମ୍ମାନିତ ଅତିଥିଭାବେ ପୂର୍ତ୍ତ ବିଭାଗର ପୂର୍ବତନ ସଚିବ ଶୁଭେନ୍ଦୁ ରାୟ, ସମ୍ମାନୀତ ଅତିଥି ଭାବରେ ଜଳସେଚନ ବିଭାଗର ପ୍ରାକ୍ତନ ସ୍ୱତନ୍ତ୍ର ଶାସନ ସଚିବ କବି ପ୍ରସାଦ ମିଶ୍ର, ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ସଞ୍ଜୟ ନାୟକ ଉପସ୍ଥିତ ରହିଥିଲେ। ପାଟପୁର ଗ୍ରାମରେ ଥିବା ଶ୍ରୀ ଶ୍ରୀ ରାଧାକାନ୍ତଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହେଉଥିବା ବିଷ୍ଣୁ ମହାଯଜ୍ଞ ଅବସରରେ ଆୟୋଜିତ ରାଧାକାନ୍ତଜୀଉ ମହୋତ୍ସବରେ ଓଡ଼ିଶାର ବହୁ ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ପରିବେଷିତ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଝୁମିଥିଲେ। ଦ୍ୱିତୀୟ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସିଦ୍ଧାର୍ଥ ଟିଭିର ମେଗା ଓଡ଼ିଆ ଧାରାବାହିକ ସିନ୍ଦୂର ଖେଳର ସମସ୍ତ କଳାକାର ଯୋଗଦେଇଥିଲେ। ସେହିପରି ଓଡ଼ିଶାର ଆଗଧାଡ଼ିର ଚଳଚ୍ଚିତ୍ର ଅଭିନେତ୍ରୀ ଭୂମିକା ଦାସ, ହାସ୍ୟ ଅଭିନେତା ଗୁଡ୍ଡୁ, ଉଦୀୟମାନ କଳା ନିକେତନର ନୃତ୍ୟାୟନ, ଗୋପୀନାଥପୁର ସାଇ ସରସ୍ୱତୀ ଶିଶୁ ମନ୍ଦିରର କଳାକାରମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ କଟକ ଜିଲ୍ଲା ସମେତ ବାହାର ଜିଲ୍ଲାରୁ ବହୁ ଦର୍ଶକ ଆସି ଉପଭୋଗ କରିଥିଲେ। ସେହିପରି ଶ୍ରୀ ଶ୍ରୀ ରାଧାକାନ୍ତଜୀଉ ମନ୍ଦିର ପରିସରରେ ହେଉଥିବା ବିଷ୍ଣୁ ମହାଯଜ୍ଞରେ ଭକ୍ତମାନେ ସାମିଲ ହୋଇଥିଲେ। ସମାଜସେବୀ ଦିଲ୍ଲୀପ ଦାଶ, ବିଜୟ ଦାଶ, ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ଦାଶ, ଜଗମୋହନ ଦାଶ, ହେମନ୍ତ କୁମାର, ବବ୍ରୁବାହନ ପ୍ରଧାନ, ଗୋପବନ୍ଧୁ ମହାନ୍ତି, ସଞ୍ଜିତ ଦାଶ, ଚଗଲା ଭୋଇ, ଦୁର୍ଯ୍ୟୋଧନ ବେହେରା, ଆଲୋକ ସାମଲଙ୍କ ସମେତ ପାଟପୁର ଓ ଆଖପାଖ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସହଯୋଗ କରିଥିଲେ।



## କଟକ ସହର ବିକାଶ ନାଁରେ କୋଟି କୋଟିର ଘୋଟାଲା

# ଅଗ୍ରିମ ଅର୍ଥ ପ୍ରଦାନ ପରେ ଅଧପନ୍ତରିଆ ପ୍ରକଳ୍ପ

**କଟକ, ୨୪ା୨(ସମିସ)**

କଟକ ମହାନଗର ନିଗମ (ସିଏମସି)ର ନିଜସ୍ୱ ପାଣ୍ଠିରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବ୍ୟୟ ହେଉଥିବା କୋଟି କୋଟି ଟଙ୍କାର ବିନିଯୋଗକୁ ନେଇ ଏବେ ଏକ ବଡ଼ ଧରଣର ଅନିୟମିତତା ସାମ୍ନାକୁ ଆସିଛି। ସହରର ଆଧୁନିକୀକରଣ ଓ ସୌନ୍ଦର୍ଯ୍ୟକରଣ ନାମରେ କିପରି ସରକାରୀ ସଂସ୍ଥା ମାଧ୍ୟମରେ ଅର୍ଥର ଲୁଟ୍ ଚାଲିଛି, ତାହାର ଏକ ଚାଞ୍ଚଲ୍ୟକର ଚିତ୍ର ଏବେ ପ୍ରଶାସନିକସ୍ତରରେ ହଇଚଇ ସୃଷ୍ଟି କରିଛି। ବିଶେଷ କରି ଓଡ଼ିଶା ପୁଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନ ଲିମିଟେଡ (ଓପିଏଚଡବ୍ଲୁସି)କୁ ପ୍ରଦାନ କରାଯାଇଥିବା ବିଭିନ୍ନ ପ୍ରକଳ୍ପର ମନ୍ଥର ଗତି ଏବଂ ଅର୍ଥର ଅପବ୍ୟବହାରକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଉଛି।

ନୂଆବଜାର ପୋତାପୋଖରୀ ଅଞ୍ଚଳରୁ ମହାନଦୀ ବିହାର ବସ୍ ଷ୍ଟପେଜ୍ ପର୍ଯ୍ୟନ୍ତ ଆଧୁନିକୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ସିଏମସି ପକ୍ଷରୁ ଓଡ଼ିଶା ପୁଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନ ଲିମିଟେଡକୁ ପ୍ରାୟ ୮ କୋଟି ୬୦ ଲକ୍ଷ ଟଙ୍କାର ଏକ ପ୍ରକଳ୍ପ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିଗମ ପକ୍ଷରୁ ୫ କୋଟି ୩୪ ଲକ୍ଷ ଟଙ୍କାର ମୋଟା ଅଙ୍କର ଅଗ୍ରିମ ଅର୍ଥ ମଧ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟାଦେଶ ଜାରି ହେବାର ତିନି ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପଟି ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଅଭିଯୋଗ ହେଉଛି




ଯେ ଯେତିକି ପରିମାଣର ଅଗ୍ରିମ ଅର୍ଥ ସଂସ୍ଥାକୁ ପ୍ରଦାନ କରାଯାଇଛି, ତାହାର ଅନୁପାତରେ ମାତ୍ର ୫୦ ପ୍ରତିଶତ କାର୍ଯ୍ୟ ମଧ୍ୟ କ୍ଷେତ୍ର ସ୍ତରରେ ସମ୍ପାଦିତ ହୋଇନାହିଁ। ଏହି ଘଟଣାକୁ ନେଇ ପବ୍ଲିକ ୱାର୍କ୍ସ କମିଟି (ପିଡବ୍ଲୁସି) ପକ୍ଷରୁ ସମୀକ୍ଷା କରାଯାଇ ଉପରିସ୍ଥ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲେ ହେଁ, କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ପ୍ରଶାସନିକ ମହଲରେ ଥିବା ମଧୁଚନ୍ଦ୍ରିକାକୁ ସ୍ପଷ୍ଟ କରୁଛି।

କେବଳ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ନୁହେଁ, ବରଂ ବିକାଶ ଭବନର ଆଧୁନିକୀକରଣ କାର୍ଯ୍ୟରେ ମଧ୍ୟ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ଉକ୍ତ ନିର୍ମାଣକାରୀ ସଂସ୍ଥା ପକ୍ଷରୁ କାର୍ଯ୍ୟ ସମ୍ପାଦନ ସମୟରେ ସିଏମସିର ପୂର୍ବରୁ ଥିବା ପ୍ରାୟ ଏକ କୋଟିରୁ ଅଧିକ ଟଙ୍କାର ମୂଲ୍ୟବାନ ଆସବାବପତ୍ର କୁଆଡ଼େ ଗଲା, ସେ ନେଇ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରୁ ନାହିଁ। ଏଭଳି ସ୍ଥିତିରେ କୋଟିଏ ଟଙ୍କାର ସରକାରୀ ସମ୍ପତ୍ତି ଗାଏବ ହେବା ପଛରେ ଏକ ବଡ଼ ଧରଣର ଯୋଜନାବଦ୍ଧ ଠକେଇ ରହିଥିବା ଆଶଙ୍କା କରାଯାଉଛି।

**ସିଏମ୍‌ସିର ନିରବତାକୁ ନେଇ ବଢ଼ୁଛି ସନ୍ଦେହ**

ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ସିଏମସିର ଅଗ୍ରିମ ଅର୍ଥ ପ୍ରଦାନ କାର୍ଯ୍ୟ ନୀରିକ୍ଷଣ ବ୍ୟବସ୍ଥା ଉପରେ। ସାଧାରଣତଃ ପ୍ରକଳ୍ପର ପ୍ରଗତି ଅନୁଯାୟୀ ଅର୍ଥ ପ୍ରଦାନ କରାଯାଉଥିବା ବେଳେ, ଏଠାରେ ଯେଉଁ ଅଟକଳ ଆଧାରରେ ପ୍ରାୟ ୫୦ ପ୍ରତିଶତ ଅର୍ଥ 'ସିକ୍ୟୁରିଟି ଫଣ୍ଡ'ରୁ ଅଗ୍ରିମ ଭାବେ ଦିଆଗଲା, ସେହି ଅନୁପାତରେ କାର୍ଯ୍ୟ ହୋଇ ନ ଥିବା ଅଭିଯୋଗ ଉଠୁଛି। ଉପରିସ୍ଥ ଅଧିକାରୀମାନେ ଏହି ଅଗ୍ରିମ ପ୍ରଦାନ ପ୍ରକ୍ରିୟା ଓ କାର୍ଯ୍ୟ ନିରୀକ୍ଷଣରେ ହୋଇଥିବା ଶିଥିଳତାକୁ ନେଇ କୌଣସି ସ୍ପଷ୍ଟୀକରଣ ଦେଇପାରୁ ନାହାନ୍ତି। ସାଧାରଣ ଜନତାଙ୍କ ଟିକସ ଟଙ୍କାରେ ଗଠିତ ସିଏମସି ପାଣ୍ଠିରୁ ଏଭଳି ବ୍ୟାପକ ହରିଲୁଟ୍ ଏବଂ ନିମ୍ନମାନର କାର୍ଯ୍ୟକୁ ନେଇ ଏବେ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହୋଇ ପଡୁଛି। ଏହି ସମଗ୍ର ଘଟଣାର ଏକ ସ୍ୱତନ୍ତ୍ର ଓ ନିରପେକ୍ଷ ତଦନ୍ତ ସହ ଦାୟିତ୍ୱହୀନ ଅଧିକାରୀ ଓ ସଂସ୍ଥା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଏବେ ସହରବାସୀ ଦାବି କରିଛନ୍ତି।

## ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ



**କଟକ, ୨୪ା୨(ସମିସ):** କାଜିବଜାର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ନିରୂପମା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସାଧାରଣ ସଭାରେ ମାତୃଭାଷାର ସୁରକ୍ଷା ଓ ପ୍ରଚାର ପାଇଁ ଶପଥ ପାଠ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ପ୍ରଦୀପ କୁମାର ସିହ୍ନା ଏବଂ ସମ୍ମାନିତ ଅତିଥି ଭାବେ ସଭାପତି ସୁରଜ ବସାକ ଯୋଗଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସଂଘମିତ୍ରା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶର୍ମିଷ୍ଠା ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ରଞ୍ଜିତା ପ୍ରଧାନଙ୍କ ସହଯୋଗରେ ଆୟୋଜିତ ଏହି ସଭାରେ ଶିକ୍ଷକ ଉପେନ୍ଦ୍ର ନାଥ ବେହେରା, ସୂର୍ଯ୍ୟ ନାରାୟଣ ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ରତ୍ନପ୍ରଭା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ସମ୍ଭାବନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



**କଟକ, ୨୪ା୨(ସମିସ):** ସ୍ୱେଚ୍ଛାସେବୀ ସଂଗଠନ ସମ୍ଭାବନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସମାଜସେବୀ ତଥା ସଂଗଠନର ଉପଦେଷ୍ଟା ପିନାକୀ ସିଂହଙ୍କ ଅଧ୍ୟକ୍ଷତାରେ ୪୨ମୌଜାସ୍ଥିତ ଗୋବିନ୍ଦପୁର ଗ୍ରାମର ରାଧାମୋହନ ସରକାରୀ ଉପ୍ରା ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବକ୍ତୃତା, ରଚନା, ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରତିଭା ପ୍ରଦର୍ଶନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ସମସ୍ତଙ୍କ ମଧ୍ୟରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ରାଉତ ଏବଂ କମଳିନୀ ଦେଇ, ଯାଜ୍ଞସେନୀ ବାରିକ, ଦିଲ୍ଲୀପ ପଣ୍ଡା ପ୍ରଭୃତି ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ସଂଗଠନର ସଭାପତି ପ୍ରିୟରଞ୍ଜନ ମହାପାତ୍ର, ବିମଳ ପ୍ରସାଦ ଜେନା, ରାମେଶ୍ୱରୀ ସାହୁ, ତନୁଶ୍ରୀ ବାରିକ, ଅନୀଲ ଦାସ, ରାକେଶ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସିପନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ ମାଧବ ଶତପଥୀଙ୍କ ଶ୍ରାଦ୍ଧସଭା



**କଟକ, ୨୪ା୨(ସମିସ):** 'ବନ୍ଦେ ଉତ୍କଳ ଜନନୀ'ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୭୩ତମ ଓ ମାଧବ ଶତପଥୀଙ୍କ ୯ମ ଶ୍ରାଦ୍ଧବାର୍ଷିକୀ କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଖାନନଗରସ୍ଥ ସମିତି ସଭାଗୃହରେ ଅନୁଷ୍ଠିତ ଏହି ସଭାରେ ସାଧାରଣ ସମ୍ପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଡ଼ଃ ପ୍ରଫୁଲ୍ଲ ଦାଶ, ମୁଖ୍ୟବକ୍ତା ଭାବେ ଡ଼ଃ ପ୍ରଭାତୀ ମିଶ୍ର, ସମ୍ମାନିତ ଅତିଥି ଭାବେ ଡ଼ଃ ପ୍ରତିମା ଶତପଥୀ ଯୋଗଦେଇଥିଲେ। ଡ. ପ୍ରଭାତୀ ମିଶ୍ରଙ୍କ ରଚିତ ପୁସ୍ତକ 'ଚାଇନା ଠେକୁଆର ଭ୍ରମଣ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ସମରେନ୍ଦ୍ର ଘୋଷ, ବୀରେଶ ମହାପାତ୍ର, ଶ୍ୟାମସୁନ୍ଦର ସାହୁ, ଅଶୋକ ପ୍ରଶସ୍ତ, ଭବାନୀ ବାରିକ, ସୁକାନ୍ତି ମହାନ୍ତି, କୋକିଳସ୍ୱରା ପାତ୍ର, ନମିତା ମହାନ୍ତି, ଅରୁଣ ଅଗ୍ରୱାଲ, ଆଦିତ୍ୟ ପ୍ରତାପ ଧଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଅଶୋକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି

**ନିଶ୍ଚିନ୍ତକୋଇଲି, ୨୪ା୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ପକ୍ଷରୁ ଫଗୋଲ ପଞ୍ଚାୟତରେ ସୋମବାର ଦିନ ଚାରୋଟି ପଞ୍ଚାୟତକୁ ନେଇ ଏକ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅଭିଯୋଗ ପ୍ରକୋଷ୍ଠରେ ଜିଗ୍ନିପୁର, ବରାଦୋ, ଫଗୋଲ ଓ ଜୟରାମପୁର ପଞ୍ଚାୟତର ମୋଟ ୧୦୮ ଜଣ ଅଭିଯୋଗକାରୀଙ୍କ ଅଭିଯୋଗକୁ ପଞ୍ଜିକୃତ କରାଯାଇଛି। ଗ୍ରାମପଞ୍ଚାୟତ ଅଧିକାରୀ ମନୋଜ ପ୍ରତିହାରୀଙ୍କ ସଂଯୋଜନାରେ ଏଥିରେ ବିଡିଓ ଦ୍ୱିବେନ୍ଦୁ ଦାସ, ଅତିରିକ୍ତ ତହସିଲଦାର ଅଭୟ ପ୍ରତିହାରୀ, ସିଡିପିଓ ସତ୍ୟଭାମା ବିଶୋଇ, ବିଇଓ ସଂଯୁକ୍ତା ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ନୃସିଂହ ମିଶ୍ରଙ୍କ ସମେତ ବିଭିନ୍ନ ଅଧିକାରୀ ଏଥିରେ ଯୋଗଦେଇଥିଲେ। ଏହି ଶିବିରରେ ଭତ୍ତା




ସଂକ୍ରାନ୍ତୀୟ ୩୩ଟି, ରାସନକାର୍ଡ ସଂକ୍ରାନ୍ତ ୩୪ଟି, ଭୂମିହୀନ ସଂକ୍ରାନ୍ତ ୪ଟି, ଆବାସ ଯୋଜନା ସଂକ୍ରାନ୍ତ ୩୦ ଟି, ରାସ୍ତାଘାଟ ସଂକ୍ରାନ୍ତ ୧ଟି, ପାନୀୟ ଜଳ ସଂକ୍ରାନ୍ତ ୩ଟି ଏବଂ ଅଙ୍ଗନବାଡି ସଂକ୍ରାନ୍ତ ୩ଟି ଅଭିଯୋଗ କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପିପିଏଲ୍ ସିଜିନ-୩ ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଶେଷ

**କଟକ, ୨୪ା୨(ସମିସ):** ଚାନ୍ଦିନୀଚୌକ ପ୍ରଧାନସାହିସ୍ଥିତ ଟାର୍ଗେଟ ଗ୍ରୁପ ପକ୍ଷରୁ ଆୟୋଜିତ ହେବାକୁ ଥିବା 'ପ୍ରଧାନସାହି ପ୍ରିମିୟର ଲିଗ' (ସିଜିନ-୩) ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ମାର୍ଚ୍ଚ ୨୧ ଏବଂ ୨୨ ତାରିଖରେ ଏହି ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ଥିବା ବେଳେ, ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରୁଥିବା ବେଳେ ଅଧିନାୟକ ଚୟନ ଓ ଖେଳାଳି ନିଲାମ ପ୍ରକ୍ରିୟା ମଧ୍ୟ ସମ୍ପନ୍ନ ହୋଇଛି। ପ୍ରୀତିଶ ସୋମ, ସମରେଶ ଦତ୍ତ, ଶୁଭଙ୍କର ପାଣି, ଗୋପୀନାଥ ସିଂହ, ରୁଦ୍ରପ୍ରତାପ ସିଂହ ଓ ସୂର୍ଯ୍ୟଦୀପ ପ୍ରଧାନଙ୍କୁ ଦଳର ଅଧିନାୟକ



ଭାବେ ଦାୟିତ୍ୱ ଦିଆଯାଇଛି। ସ୍ୱାଗତ ରଞ୍ଜନ ପ୍ରଧାନ ଓ ଅନୁଭବ ପଣ୍ଡା ନିଲାମ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। କ୍ଲବର ସଦସ୍ୟ ସ୍ୱର୍ଗତ ଦିଲ୍ଲୀପ ସିଂହଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଚଳିତ ସିଜିନକୁ 'ଦିଲ୍ଲୀପ ସିଂହ ମେମୋରିଆଲ ପିପିଏଲ-୩' ଭାବେ ନାମିତ କରାଯାଇଛି।

## କାହ୍ନୁଚରଣ ଲେଙ୍କାଙ୍କ ବିୟୋଗରେ ସ୍ମୃତିସଭା

କଟକ, ୨୪ା୨(ସମିସ): ବରିଷ୍ଠ ରାଜନୀତିଜ୍ଞ, ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରାକ୍ତନ ସଭାପତି କାହ୍ନୁଚରଣ ଲେଙ୍କାଙ୍କ ବିୟୋଗରେ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଗଣେଶ ଘାଟ ଗାନ୍ଧୀ ଭବନଠାରେ କଟକ ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ହୋଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। କାହ୍ନୁବାବୁଙ୍କ ସମୟରେ କଟକ, ଜଗତପୁର, ନୀର୍ଗୁଣ୍ଡି, ଚାରିବାଟିଆ, ରେଳ ଷ୍ଟେସନର ନବୀକରଣ, ମଙ୍ଗୁଳି ରେଳ ପାସେଞ୍ଜର ହଲ୍ଟ ସ୍ଥାପନ, ଚୌଦ୍ୱାର ଛତିସା ପାଟ ଓ ଝିଙ୍କଖାତ ଡ୍ୟାମ୍ ନିର୍ମାଣ, ବହୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ଥାପନ, ଗରିବ ଭୂମିହୀନଙ୍କୁ ପଟ୍ଟା ପ୍ରଦାନଠୁ ଆରମ୍ଭ କରି ବହୁବିଧ ଉନ୍ନତିମୂଳକ କାର୍ଯ୍ୟର ସ୍ମୃତିଚାରଣ କରାଯାଇଥିଲା। ସଭାରେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପ୍ରାକ୍ତନ ବିଧାୟକ ରବୀନ୍ଦ୍ର ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ମହାନ୍ତି, ବିଶ୍ୱଜିତ୍ ଦାସ, ବାଙ୍କନିଧି ବେହେରା, ସୁଦର୍ଶନ ସାହୁ, ପିସିସି ମୁଖପାତ୍ର ଦେବାଶିଷ ଭୂୟାଁ, କଟକ କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, କୃଷକ ନେତା ନିମାଇଁ ରାଉତରାୟ, ନାରାୟଣ ଦ୍ୱିବେଦୀ, ବରିଷ୍ଠ ନେତା ବିଷ୍ଣୁ ଚରଣ ବାରିକ, ଛାତ୍ରନେତା ହରିଶଙ୍କର ରାଉତ, ପିସିସି ସଭ୍ୟ ବିଶ୍ୱନାଥ ଶତପଥୀ, ଜଗନ୍ନାଥ ସାହୁ, ଶିଶିର ମିଶ୍ର, ପ୍ରଶାନ୍ତ ବେହେରା, ବିପନ୍ନ ପଶାୟତ, ନିହାର ରଞ୍ଜନ ନନ୍ଦ, ପ୍ରତାପ ମଲ୍ଲିକ, ଆଶୁତୋଷ ବରାଳ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ବାର୍ଷିକ ବିଜ୍ଞାନ ସମାଜ ସମ୍ମିଳନୀ



**କଟକ, ୨୪ା୨(ସମିସ):** ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ବାର୍ଷିକ ବିଜ୍ଞାନ ସମାଜ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ପ୍ରଫେସର ଡଃ ଶ୍ରୀରୁପ ଗୋସ୍ୱାମୀ ଏବଂ ମୁଖ୍ୟଅତିଥି ଭାବେ ଆମେରିକାର ୱାଶିଂଟନ୍ ଡିସି ସ୍ଥିତ ଡାଇଗ୍ନୋଷ୍ଟିକ ମେଡିକାଲ ଫିଜିକ୍ସର ନିର୍ଦ୍ଦେଶକ ଡ. ଶଶଧର ଏମ. ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି ସମ୍ମିଳନୀରେ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଅନୁସୟା ରାଉତ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ଦାସ, ରସାୟନ ବିଜ୍ଞାନ ଅଧ୍ୟାପକ ଅଭିନାଶ ସୁରଜ୍ କର ଏବଂ କମ୍ପ୍ୟୁଟର ବିଜ୍ଞାନ ଅଧ୍ୟାପିକା ମଧୁସ୍ମିତା ଶୁଭଦର୍ଶନୀ ମହାନ୍ତି ସହଯୋଗ କରିଥିଲେ। ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ଦାସ ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ବିଜ୍ଞାନ ବିଭାଗର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ବାଲ୍ୟ ବିବାହ ମୁକ୍ତ ରଥକୁ ସ୍ୱାଗତ



**ନିଶ୍ଚିନ୍ତକୋଇଲି, ୨୪ା୨(ସମିସ):** ବାଲ୍ୟ ବିବାହର କୁପ୍ରଭାବ ସଂକ୍ରାନ୍ତରେ ଲୋକଙ୍କୁ ସଚେତନ କରିବା ପାଇଁ ବାଲ୍ୟ ବିବାହ ମୁକ୍ତ ୧୦୦ ଦିନିଆ ଏକ ସଚେତନତା ଅଭିଯାନକ୍ରମରେ ରଥ ପରିକ୍ରମା କରୁଛି। ଉତ୍କଳ ସେବକ ସମାଜ ପକ୍ଷରୁ ପ୍ରମୋଦ କୁମାର ଓଝା ଓ ସ୍ନେହଲତା ସିଂଙ୍କ ନେତୃତ୍ୱରେ ଏହି ରଥ ପରିକ୍ରମା କରି ନିଶ୍ଚିନ୍ତକୋଇଲି ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସିଡିପିଓ ସତ୍ୟଭାମା ବିଶୋଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବହୁ ଅଙ୍ଗନବାଡି କର୍ମୀ, ମିଶନଶକ୍ତି ମହିଳା, ସିଆରପି, ଏମ୍‌ବିକେମାନେ ଏହି ରଥକୁ ସ୍ୱାଗତ କରିଛନ୍ତି। ରଥ ପହଞ୍ଚିବା ସମୟରେ ଉପସ୍ଥିତ ଥିବା ମହିଳାଙ୍କୁ କନ୍ୟାକୁ ୧୮ ବର୍ଷ ଓ ପୁତ୍ରକୁ ୨୧ ବର୍ଷ ନ ହେବା ପର୍ଯ୍ୟନ୍ତ କେବେ ବିବାହ ନ କରିବା ପାଇଁ ଶପଥପାଠ ମଧ୍ୟ କରାଇଛନ୍ତି। ଏହି ପରୀପ୍ରେକ୍ଷୀରେ ସିଡିପିଓ ଶ୍ରୀମତୀ ବିଶୋଇଙ୍କ ପୌରୋହିତ୍ୟରେ ସୁପରଭାଇଜର ସ୍ୱାଗତିକା ପରିଡ଼ା, ମିଶନ ଶକ୍ତି ସଂଯୋଜକ ଜ୍ୟୋତିରଞ୍ଜନ ସାହୁ, ଦୀପାଳି ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟକୁ ସମ୍ବର୍ଦ୍ଧନା



**କନ୍ଦରପୁର, ୨୪ା୨(ସମିସ):** ଅଗ୍ରଣୀ ସାମାଜିକ ସଂଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟକୁ ରକ୍ତଦାନ ମହାସେବା, ସମାଜସେବା, ପରିବେଶ ସୁରକ୍ଷା, ଆଶ୍ରମ ସେବା, ଖାଦ୍ୟ ବଣ୍ଟନ, ଚିକିତ୍ସାଳୟରେ ସଫେଇ କାର୍ଯ୍ୟ, ପୂଜ୍ୟପୂଜା, ଶିଶୁ କର୍କଟ ରୋଗୀଙ୍କ ସେବା ଶୁଶ୍ରୁଷା କାର୍ଯ୍ୟ ଆଦି ବହୁବିଧ ଜନହିତକର କାର୍ଯ୍ୟ ନେଇ ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେ ପକ୍ଷରୁ ଆୟୋଜିତ ରୌପ୍ୟ ଜୟନ୍ତୀ ଅବସରରେ ଦିବ୍ୟାଲୋକ ସନ୍ଧାନେ ସାମାଜିକ ସେବାରତ୍ନ ସମ୍ମାନ-୨୦୨୬ ମର୍ଯ୍ୟାଦାଜନକ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ଟ୍ରଷ୍ଟ ଅଧ୍ୟକ୍ଷ ମହାନ୍ ରକ୍ତଦାତା ଇଂ ବିମଳ ଚନ୍ଦ୍ର ଦାସ, ସମ୍ପାଦକ ସମାଜସେବୀ ପ୍ରିନ୍ସ ନନ୍ଦ ଓ ରାଜ୍ୟ ସଂଯୋଜକ ଇଂ ସେବକ ଶ୍ରୀକାନ୍ତ ପ୍ରମୁଖ ଉପସ୍ଥିତ ରହି ଗ୍ରହଣ କରିଥିଲେ। ସଭାରେ ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ଶରତ ରଥ, ପତ୍ରିକାର ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀ, ସ୍ୱାମୀ ଅଦ୍ୱୈତା ନନ୍ଦ, ତ୍ରିଦଣ୍ଡି ସ୍ୱାମୀ ଭକ୍ତି ଗୌରବ ଶ୍ରୀ ସଚ୍ଚିଦାନନ୍ଦ ଦାସ ମହାରାଜ, ସାହିତ୍ୟିକ ରଞ୍ଜନ ଦାସ, ଡ. ଶରତ ବିଶ୍ୱାଳ, ଡା. ଶଙ୍କର ରାମଚନ୍ଦାନୀ, ଇଂ ବିପ୍ଳବ ଦାସ, ଇଂ ରାମଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରେଭେନ୍ସାରେ ମାନସିକ ଚାପ ପରିଚାଳନା ସମ୍ପର୍କିତ ଆଲୋଚନାଚକ୍ର



**କଟକ, ୨୪ା୨(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ମହାନଦୀ କ୍ୟାମ୍ପସଠାରେ ମଙ୍ଗଳବାର 'ବିଶ୍ୱବିଦ୍ୟାଳୟ ଜୀବନରେ ମାନସିକ ଚାପ' ଶୀର୍ଷକ ଏକ ଆଲୋଚନାଚକ୍ର ୟୁଥ୍ ରେଡକ୍ରସ୍ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଡଃ ଧର୍ମବ୍ରତ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସସିବି ମେଡିକାଲ କଲେଜର ମେଡିସିନ ବିଭାଗ ମୁଖ୍ୟ ପ୍ରଫେସର ଡଃ ସରୋଜ ତ୍ରିପାଠୀ, ଆସୋସିଏଟ୍ ପ୍ରଫେସର ଡଃ ନିର୍ମଳ ଚନ୍ଦ୍ର ସାହୁ ଏବଂ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ମିହିର ରଞ୍ଜନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ୟୁଥ୍ ରେଡକ୍ରସ ସଂଯୋଜକ ଡଃ ମନୋରଞ୍ଜନ ଦାସ ସ୍ୱାଗତ ଭାଷଣ ରଖିଥିବା ବେଳେ ଆଇଟିଏମ୍ ଓ ବିସିଏ ବିଭାଗ ମୁଖ୍ୟ ଡଃ ରତିକାନ୍ତ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ବିଶ୍ୱବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ଉପାସନା ମହାପାତ୍ର ଓ ଦେବଶ୍ରିତା ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଅଧ୍ୟାପକ ମାନସ ପ୍ରସାଦ ରାଉତ ଧନ୍ୟବାଦ ଦେଇଥିଲେ। ଶୈଳଜା ଶଙ୍କର କାନୁନଗୋଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

## ଟିଗିରିଆରେ ରୋଡ୍ ରୋମିଓଙ୍କ ରାଜ୍

# ବେପରୁଆ ବାଇକ୍ ଚାଳନାରେ ପଥଚାରୀ ଅତିଷ୍ଠ

ଟିଗିରିଆ, ୨୪ା୨(ସମିସ): କଟକ ଜିଲ୍ଲା ଟିଗିରିଆ ବ୍ଲକର ପ୍ରାଣକେନ୍ଦ୍ର ବୋଲାଉଥିବା ନିଜିଗଡ଼ ପଞ୍ଚାୟତରେ ଏବେ କିଛି ହାତଗଣତି 'ରୋଡ ରୋମିଓ'ଙ୍କ ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଶେଷ କରି ଗୋହିରିମୁଣ୍ଡା ଛକରୁ ରାଜବାଟି ପର୍ଯ୍ୟନ୍ତ ପ୍ରାୟ ୧.୫ କିଲୋମିଟର ରାସ୍ତା ଏବଂ ନବନିର୍ମିତ ନିଜିଗଡ଼-ଅଚଳକୋଟ ରାସ୍ତାରେ ଏହି ଯୁବକମାନଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ଦିନ ଦ୍ୱିପ୍ରହରରେ ଟାଉନ ମଧ୍ୟରେ ଘଣ୍ଟାପ୍ରତି ୮୦ରୁ ୧୦୦ କିଲୋମିଟର ବେଗରେ ବାଇକ୍ ଚଳାଇ ଏହି ଯୁବକମାନେ ପଥଚାରୀଙ୍କ ମନରେ ଛନକା ପସାଇ ଦେଉଛନ୍ତି। ଏହି ବେପରୁଆ ଗାଡ଼ି ଚାଳନା ଯୋଗୁଁ ସ୍ଥାନୀୟ ବାସିନ୍ଦା ଏବଂ ବଜାରକୁ ଆସୁଥିବା ଲୋକମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି।



ଅଭିଯୋଗ ଅନୁଯାୟୀ, ଏହି ରୋଡ ରୋମିଓ ମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଅଞ୍ଚଳର କିଛି ବିତ୍ତଶାଳୀ ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପୁଅ। ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସହର ଭିତରେ ତାଣ୍ଡବ ରଚୁଥିବା ବେଳେ, ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନିଜିଗଡ଼-ଅଚଳକୋଟ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତାରେ ସେମାନଙ୍କ ଗାଡ଼ିର ବେଗ ୧୨୦ କିଲୋମିଟର ପର୍ଯ୍ୟନ୍ତ ଛୁଉଁଛି। ନୂଆସାହିରୁ ଚାରିଛକ ପର୍ଯ୍ୟନ୍ତ ୪ କିଲୋମିଟର ରାସ୍ତାକୁ

**ଘଣ୍ଟାପ୍ରତି ୧୦୦ କିମି ବେଗରେ ଟାଉନ ଭିତରେ ଗର୍ଜୁଛି ବୁଲେଟ୍**

**ପ୍ରଶାସନିକ ନିଷ୍କ୍ରିୟତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ**

ସେମାନେ ଏକ ପ୍ରକାର ନିଜର 'ରେସିଂ ଟ୍ରାକ୍' ପାଲଟି ଦେଇଛନ୍ତି। ଜାଣିଶୁଣି ପଥଚାରୀଙ୍କ ନିକଟରେ ଦ୍ରୁତ ଗତିରେ ଗାଡ଼ି ଚଳାଇ ସେମାନଙ୍କୁ ହଇରାଣ କରିବା ଏହି ଯୁବକମାନଙ୍କ ପାଇଁ ଏକ ନିତିଦିନିଆ ଖେଳ ପାଲଟିଛି, ଯାହାକି ଯେକୌଣସି ମୁହୂର୍ତ୍ତରେ ଏକ ବଡ଼ ଧରଣର ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ଟିଗିରିଆ ପ୍ରଶାସନ ଏବଂ ସ୍ଥାନୀୟ ପୁଲିସ ଏ ସମ୍ପର୍କରେ ଅବଗତ ଥାଇ ମଧ୍ୟ ସ୍ଥାଣୁ ସାଜି ବସିଛି। ରୋଡ ରୋମିଓମାନଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସେମାନଙ୍କ ସାହସ ବଢ଼ିବାରେ ଲାଗିଛି। ପୂର୍ବରୁ ଅନେକ ଛୋଟବଡ଼ ଦୁର୍ଘଟଣା ଘଟି ସାରିଥିଲେ ହେଁ ପୁଲିସର ନୀରବତା ସାଧାରଣରେ ସନ୍ଦେହ ଓ ଅସନ୍ତୋଷ ସୃଷ୍ଟି କରିଛି। ତୁରନ୍ତ ଏହି ବିଶୃଙ୍ଖଳିତ ଯୁବକଙ୍କୁ ଚିହ୍ନଟ କରି ସେମାନଙ୍କ ଉପରେ ମୋଟା ଅଙ୍କର ଜରିମାନା ଲଗାଇବା ସହ ଆଇନ ଅନୁଯାୟୀ ଦଣ୍ଡବିଧାନ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

